# ରାଜଧାନୀରେ ଆରମ୍ଭ ହେଲା ମଣି ତିରୁମାଳା ବାସଗୃହ



ଭୁବନେଶ୍ୱର (ଆ.ପ୍ର): ପୂର୍ବ ଭାରତର ଅଗ୍ରଣୀ ରିୟଲ ଇଷ୍ଟେଟ୍ ସଂସ୍ଥା ମଣିଗ୍ରୁପ୍ ପକ୍ଷରୁ ନନ୍ଦନକାନନ ରାସ୍ତାରେ ମଣି ତିରୁମାଳା ନାମରେ ୧.୨ ନିୟୁତ ସ୍କୋୟାର ଫୁଟ୍‌ର ବାସଗୃହ ଯୋଜନା ଆରମ୍ଭ କରାଯାଇଛି । ଏ ସଂପର୍କରେ ସୂଚନା ଦେବା ପାଇଁ ଆୟୋଜନ କରାଯାଇଥିଲା । ଏଥିରେ ଅଧ୍ୟକ୍ଷତା କରି ସଂଜୟ ଝୁନ୍‌ଝୁନ୍ ୱାଲା କହିଲେ ଯେ, ଏହି ମଣି ତିରୁମାଲା ଆବାସିକ ବହୁଳତା ବିଶିଷ୍ଟ ଅଟ୍ଟାଳିକା ୭୫ ଭାଗ ସବୁଜ ଖାଲି ସ୍ଥାନ ଓ ଆଧୁନିକ ଯୁଗର ସବୁ ସୁବିଧା ସୁଯୋଗର ଉପକରଣ ସହିତ ନିର୍ମିତ ହେବ । ନନ୍ଦନକାନନ ରାସ୍ତାରେ ଅବସ୍ଥିତ ଯୋଗୁଁ ଏହି ସହର ଫ୍ଲାଟ୍ ପାଇଁ ତିନି ଦିଗରେ ଖୋଲାସ୍ଥାନ, ପାଣି ବିଶୋଧନ ପ୍ଲାଣ୍ଟ, ପ୍ରଶସ୍ତ କାର ପାର୍କିଙ୍ଗ୍ ବ୍ୟବସ୍ଥା, ଉଚ୍ଚ ମାନର ସୁରକ୍ଷା ବ୍ୟବସ୍ଥା, ନିଆଁ ଓ ଭୂମିକମ୍ପ ସୁରକ୍ଷା ସହ ଘରୋଇ ସହାୟକ ମାନଙ୍କ ପାଇଁ ସ୍ୱତନ୍ତ୍ର ବାସସ୍ଥାନ ବ୍ୟବସ୍ଥା ରହିବ । ବାଥରୁମ୍, ଧ୍ୟାନ ଗୃହ, ସୁଇମିଂ ପୁଲ୍, ଷ୍ଟିମ୍ କଫି ସପ୍ ଆଦି ବିଶେଷ ସୁବିଧା ଉପଲବ୍ଧ ହେବ । ୧୩ବା ୧୪ ମହଲା ବିଶିଷ୍ଟ ୧୧ଟି ଟାୱାରରେ ବିଭାଜିତ ଏହି ଅଟ୍ଟାଳିକା ସମୂହ ସୁଖ ସ୍ୱାଚ୍ଛନ୍ଦ୍ୟର ଜୀବନ ପାଇଁ ପ୍ରସ୍ତୁତ ହୋଇଛି ବୋଲି ଝୁନ୍‌ଝୁନ୍ ୱାଲା ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର ଇଞ୍ଜିନିୟରିଂ ବିଭାଗ ଅଧ୍ୟକ୍ଷ ରମାର୍କ ମାର୍ଶଲ ଓ ବ୍ୟବସାୟ ମୁଖ୍ୟ ସୁଦର୍ଶନ ଗାଙ୍ଗୁଲି ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।